# Akashvani, Sambalpur

## SAMBALPURI NEWS MORNING BULLETIN

## 4 July 2026 - 6.47- 6.52 am.

---

ରାଜସ୍ୱମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସହରାଂଚଲ୍ ନ ଲଗାଏତ୍ ବର୍ଷା ଲାଗି ହେଉଥିବାର୍ ବନ୍ୟା ଆଉ ଜଳବନ୍ଦୀ ସମସ୍ୟାର୍ ସ୍ଥାୟୀ ସମାଧାନ୍ କର୍‌ବାର୍‌କେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିନୁ ଟଙ୍କା ଯୁଗେଇ ଦିଆଯିବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ପହେଲା ଖେପେ ଇଥିର୍‌ଲାଗି ୧୦ ଟା ସହରାଂଚଲ୍‌କେ ଚିହ୍ନଟ୍ କରାଯାଇଛେ । ଓଡ଼ିଶାର୍ ୩ ଶହ ୮୧ ଟା ସୁନାମୀ ପ୍ରବଣ ଗାଁ ଭିତ୍‌ରୁ ୨୬ ଟା ଗାଁକେ ଆଇଓସି- ୟୁନେସ୍କୋ ତର୍‌ଫୁ ସୁନାମୀ ପ୍ରସ୍ତୁତ ଗାଁ ଭାବେ ଘୋଷ୍‌ନା କରାଯାଇଛେ । ଇତାର୍‌ସହେତେ

ଉତରପୂର୍ବ ରାଜ୍ୟ ମାନ୍‌କର୍ ମୋଡ଼େଲ୍‌ଥି ଓଡ଼ିଶା ନ ଭିଲ୍ ଭୂ-ସ୍ଖଳନ ପରିଚାଳନା ବ୍ୟବସ୍ଥା ବିକଶିତ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍-ରାଜସ୍ୱ ମନ୍ତ୍ରୀ)

ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆଲୋଚନା ଆଇ ଆଣ୍ଡ୍ ପି.ଆର୍

ଦାୟିତ୍ୱ ନିଷ୍ଠା ଆଉ ସଚ୍ଚୋଟତାଥି କାମ୍ କରିକରି ଲୋକ୍‌ମାନ୍‌କର୍ ପାଖେ ରାଜସ୍ୱ ସେବାକେ ଅଏତ୍‌କା ସହଜ୍‌ଥି ପୁହୁଁଚାବାର୍ ଦିଗେ ସମର୍ପିତ୍ ହେଇକରି କାମ୍ କର୍‌ବାର୍‌କେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର୍ ସଦସ୍ୟମାନ୍‌କର୍ ସାଙ୍ଗେ ଶ୍ରୀ ପୂଜାରୀ ଆଲୋଚନା କରିଥିଲେ । ରାଜସ୍ୱ ପ୍ରଶାସନ୍‌କେ ବର୍‌କସ୍ କର୍‌ବାର୍ ଦିଗେ ସେମାନ୍‌କର୍ କାର୍ଯ୍ୟଦକ୍ଷତା ବଢ଼ାବାର୍ ଆଉ ଅଲ୍‌ଗା ଆନୁସଙ୍ଗିକ୍ ସୁବିଧା ସୁଯୋଗ୍ ଯୁଗାବାର୍ ଦିଗେ ଆଲୋଚନା କରାଯାଇଥିଲା ।

ଫୁଲୁରିତେଲ ଲାଗି        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ଅଣସର ଘରେ ଦଇତାପତି ସେବକ୍‌ମାନେ ଚତୁର୍ଦ୍ଧାମୂର୍ତିଙ୍କର୍ ଗୁପ୍ତ ସେବା ନୀତି କରୁଛନ୍ । ଅଣସରର ୬ ନମ୍ବର୍ ଦିନେ ଆଏଜ୍ ମାହାପୁରୁମାନ୍‌କର ଶ୍ରୀଅଙ୍ଗଥି ଫୁଲୁରିତେଲ ଲାଗି କରାଯିବା । ପରମ୍ପରା ଅନ୍‌ସାରେ ବଡ଼ ଓଡ଼ିଆ ମଠ ତର୍‌ଫୁ ଖାସ୍ କରି ତିଆର୍ କରାଯାଇଥିବା ଫୁଲୁରି ତେଲ ଯୁଗେଇ ଦିଆଯିବା । ଘଣାପେଡ଼ା ରାଶି ତେଲ୍‌ଥି ଭିନ୍ ଭିନ୍ ପ୍ରକାରର୍ ଚେର୍‌ମୂଲି, ଔଷଧୀୟ ଫୁଲ୍ ମିଶାଯାଇକରି ବଛ୍‌ରେ ଆଘୋନୁ ମାଏଟ୍ ତଲେ ଇ ଦିବ୍ୟ ଦେଲ୍‌କେ ତୁପାଯାଇକରି ରଖାଯାଏସି । ଇ ତେଲ ଲଗାବାର୍ ଉତ୍‌ରୁ ଚତୁର୍ଦ୍ଧାମୂର୍ତି ଧୀରେ ଧୀରେ ଜର୍‌ନୁ ସୁସ୍ଥ ହେବେ । ଗଲାକାଏଲ୍ ଶ୍ରୀଜୀଉମାନ୍‌କର୍ ଶ୍ରୀଅଙ୍ଗ ଫିଟା ନୀତି କରାଯାଇଥିବାର୍ ବେଲେ ମାହାପୁରୁମାନ୍‌କର୍ ଦିହେ ବଛର୍ ଯାକ ଲାଗି ରହିଥିବା ଚନ୍ଦନ, ପାଟଡୋରୀ ଆଉ ଶ୍ରୀମୁଖଥି ଥିବା କପଡ଼ାକେ ବାହାର୍ କରାଯାଇଛେ ।

ମୁଖ୍ୟ ଶାସନ୍ ସଚିବ-ସମୀକ୍ଷା        ଆଇ ଆଣ୍ଡ୍ ପି.ଆର୍

ଶ୍ରୀକ୍ଷେତ୍ର ପୁରୀ ନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମିଆଥି ଉନ୍ନତ ସେବା ଯୁଗେଇ ଦିଆଯିବା ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ କହିଛନ୍ । ନଗର୍ ଉନ୍ନୟନ୍ ବିଭାଗ୍‌ର ପ୍ରସ୍ତୁତି ଆଉ ପରିଚାଲନା ବାବ୍‌ଦେ ହେଇଥିବା ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ପାଢ଼ୀ ଶ୍ରଦ୍ଧାଲୁ ଆଉ ଯାତ୍ରୀମାନ୍‌କୁ ସୁସ୍ଥ ଆଉ ସୁରକ୍ଷିତ୍ ଦର୍ଶନ୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ନଗର୍ ଉନ୍ନୟନ୍ ବିଭାଗ୍ ଗୁଟେ ପ୍ରମୁଖ ମାଧ୍ୟମ୍ ହେଇଥିବାର୍‌ନୁ ରଥଯାତ୍ରା ସମିଆଥି ପୁରୀ ସହର୍‌ର ପରିମଳ ବ୍ୟବସ୍ଥା, ପାର୍କିଂ ଆଉ ଆଲୋକୀକରଣ୍ କାମ୍‌ର ସୁପରିଚାଳନା ଲାଗି କହିଛନ୍ । ବଡ଼ଦାଣ୍ଡ ନ ଦୁହି ପାଖର୍ ନାଲିମାନ୍‌କୁ ଜାଗୃତି ୱେଲ୍‌ଫେୟାର୍ ସଂସ୍ଥା ତର୍‌ଫୁ ସଫେଇ କାମ୍ ସରିଛେ ଆଉ ୨୪ ଟା ପାର୍କିଂ ଜାଗା ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ଭାରତୀୟ ନିର୍ବାଚନ୍ କମିଶନ-ସମ୍ମିଳନୀ ଆଇ ଆଣ୍ଡ୍ ପି.ଆର୍

ଭାରତୀୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଗଣମାଧ୍ୟମ୍ ଆଉ ଯୋଗାଯୋଗ୍ ବାବଦ୍ ଗୁଟେ ସମ୍ମିଳନୀ ନୂଆଦିଲ୍ଲୀ ନ ହେଇଯାଇଛେ । ଇ ଅବ୍‌ସରେ ୧୬ ଟା ରାଜ୍ୟ ଆଉ କେନ୍ଦ୍ର ଶାସିତ୍ ଅଂଚଲ୍ ସହେତେ ଆଏବା ଦିନେ ନିର୍ବାଚନ୍ ହେବାର୍‌କେ ଥିବା ମିଡ଼ିଆ ନୋଡ଼ାଲ୍ ଅଫିସର୍ ମାନ୍‌କର୍ ଦିନ୍‌କିଆ ତାଲିମ୍ ଶିବିର୍ ହେଇଥିଲା । ଶିବିର୍‌ଥି ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ୍ ବିଷେ ଲୁକ୍‌କୁ ସଚେତନ୍ କର୍‌ବାର୍ ଆଉ ଗଣମାଧ୍ୟମ୍ ଜରିଏ ସ୍ୱଚ୍ଛ ସୂଚ୍‌ନା ଦେବାର୍ ଲାଗି ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଛେ । ଇଥି ଓଡ଼ିଶାନୁ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ବରିଷ୍ଠ ଅଧିକାରୀଙ୍କର୍ ସହେତେ ୧୩ ଝନ୍ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ଯୋଗ୍ ଦେଇଥିଲେ ।

ସାମର୍ଥ୍ୟ-୨୦୨୬ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିନ୍ନକ୍ଷମ ଲୁକ୍‌କର୍ ପ୍ରେରଣାଦାୟକ ସଫଲତାର୍ କଥାକେ ଜାତୀୟସ୍ତର୍‌ଥି ପୁହୁଁଚାବାର୍ ଉଦ୍ଦେଶ୍‌ଥି ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ୍ 'ସାମର୍ଥ୍ୟ-୨୦୨୬' ଆୟୋଜନ୍ କରାଯାଉଛେ ।

ରାଜ୍ୟ ସର୍କାର୍ଙ୍କର୍ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଆୟୋଜନ୍ କରାଯାଉଥିବା ଚଲ୍ତିବଛର୍ ଉତ୍ସବ୍ର ବିଷେ ରହିଛେ 'ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର୍ ସଫଳତାର୍ କାହାଣୀ' । କ୍ଷୁଦ୍ର ଚଳଚ୍ଚିତ୍ରର୍ ସମିଆ ସବୁନୁ ଅଏତ୍କା ୫ ମିନିଟ୍ ରହେବା । ଆଗ୍ରହୀ ପ୍ରଯୋଜକ ଆଉ ନିର୍ଦ୍ଦେଶକ ମାନେ ଅଏତ୍କା ସୂଚ୍ନା www.shortfilmfestodisha.in ଥି ପାଇପାର୍ବେ ।

ଅନ୍ତର୍ଜାତୀୟ ସମବାୟ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ନିରନ୍ତର ବିକାଶ୍ ଦିଗେ ସମବାୟ ସଂସ୍ଥାର୍ ଯୋଗଦାନ୍କେ ତହଁକାବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ସମବାୟ ଦିବସ ପାଲନ୍ କରାଯାଉଛେ । ଅନ୍ତର୍ଜାତୀୟ ସମବାୟ ସଂଘ ତର୍ଫୁ ୧୯୨୩ ମସିହାଠାନୁ ଫି' ବଛର୍ ଜୁଲାଇ ମାସର୍ ପହେଲା ଶନିବାର୍କେ ଇ ଦିବସ୍ ଭାବେ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ 'ଗୁଟେ ଶାନ୍ତିପୂର୍ଣ୍ଣ ପୁର୍ଥି ଲାଗି ସମବାୟ' । ଇ ଅବ୍ସରେ

ସାରା ପୁର୍ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର-ପଶ୍ଚିମ ବଙ୍ଗୋପସାଗର ଆଉ ତାର୍ ପାଖର୍ ଉତର ଓଡ଼ିଶା ସମୁଦ୍ର ଖଁଡ଼ି ଇଲାକା ନ ଲଘୁଚାପ୍ କ୍ଷେତ୍ର ଅଏତ୍‌କା ଘନୀଭୂତ ହେବାର୍‌କେ ଲାଗିଛେ । ଲଘୁଚାପ୍‌ର ପ୍ରଭାବ୍‌ଥି ଦକ୍ଷିଣ - ପଶ୍ଚିମ ମୌସୁମୀ ବାୟୁ ଆହୁରି ସକ୍ରିୟ ହେବାର୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ସୁବର୍ଣ୍ଣପୁର୍, ବୌଦ୍ଧ, ଅନୁଗୁଳ ଆଉ କନ୍ଧମାଲ୍ ନ ଜବର୍ ନୁ ଅତି ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।